## ସଂକ୍ଷେପରେ

### ମହୁମାଛି ଦଂଶନରେ ୧୨ ଆହତ

ଟିକିରି, ୨୦।୭(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ବାଙ୍କାମ୍ବ ପଞ୍ଚାୟତ ଅଧୀନ ତଳକଡିଙ୍ଗା ଗ୍ରାମରେ ମହୁମାଛି ଆକ୍ରମଣରେ ୧୨ ଶ୍ରମିକ ଆହତ ହୋଇଛନ୍ତି। ଗ୍ରାମ ନିକଟରେ ନୀଳଗିରି ଗଛ କାଟିବା ସମୟରେ ମହୁ ମାଛି ଆକ୍ରମଣ କରିଥିଲେ। ଏଥିରେ ଗ୍ରାମର ଲଳିତା ଝୋଡିଆ, ମିଳକି ମୁଦୁଲି, ସାଲମେ ମାଝୀ, ଅଁଳା ମାଝୀ, ଆଖ୍ୟାବତି ମୁଦୁଲି, ଅର୍ଚ୍ଚିତା ମାଝୀ, ନବମୀ ମୁଦୁଲି, ସାଦାଇ ଜାନୀ, ପତାଇ ଜାନୀ, ଗୁରୁମଣି ଝୋଡିଆ, କରୁଣା ନାଏକ, ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଉଷାପଡ଼ାସ୍ଥିତ ଉତ୍କଳ ହସ୍ପିଟାଲରେ ଭର୍ତ୍ତି କରିଥିଲ। ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାରୁ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି।

### କାନ୍ଥ ପଡ଼ି ଶିଶୁ ମୃତ

ନବରଙ୍ଗପୁର/ଚନ୍ଦାହାଣ୍ଡି, ୨୦।୭
(ସଦାଶିବ ପ୍ରହରାଜ/ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଦଳବେଡ଼ା ପଞ୍ଚାୟତ ଅଧୀନ ଭାଟିପଡ଼ା ଗ୍ରାମରେ କାନ୍ଥ ଭୁଶୁଡ଼ି ଦୁର୍ଯ୍ୟନ ବାଗଙ୍କ ପୁଅ ଫାଲ୍‌ଗୁନୀ(୫)ଙ୍କ ମୃତ୍ୟୁ ହୋଇଛି। ଚନ୍ଦାହାଣ୍ଡି ତହସିଲଦାର ସହଦେବ କୁଲ୍ଲୁକା ଏବଂ ବିଡିଓ ରାମକୃଷ୍ଣ ନାୟକ ଘଟଣାସ୍ଥଳରେ ପହଞ୍ଚି ତଥ୍ୟ ସଂଗ୍ରହ କରିଛନ୍ତି। ଦୁର୍ଯ୍ୟନ ବାରମ୍ବାର ଆବାସ ଘର ପାଇଁ ନିବେଦନ କରି ନିରାଶ ହୋଇ ନିଜ ପୁରୁଣାକାଳିଆ ଝାଟିମାଟି ଘରେ ସ୍ତ୍ରୀ ଏବଂ ପୁଅ ଫାଲ୍‌ଗୁନୀ ସହ ରହୁଥିଲେ। ଶନିବାର ସକାଳେ ହଠାତ୍ ଘର କାନ୍ଥ ଭୁଶୁଡ଼ି ଫାଲ୍‌ଗୁନୀଙ୍କ ଉପରେ ପଡିବାରୁ ସେ ଚାପି ହୋଇଯାଇଥିଲେ। ତାଙ୍କୁ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ଚନ୍ଦାହାଣ୍ଡି ଗୋଷ୍ଠୀ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ପ୍ରିୟଦର୍ଶୀ ତହସିନ ପ୍ରାଥମିକ ଚିକିତ୍ସା କରାଇଥିଲେ। ଫାଲ୍‌ଗୁନୀଙ୍କ କାନ ପଟୁ ରକ୍ତ ବାହାରୁଥିବା ବେଳେ ଓ ମୁଣ୍ଡରେ ରକ୍ତ ଜମିଥିବା ନେଇ ଡାକ୍ତର କହିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତହସିଲଦାର କୁଲ୍ଲୁକା, ଏଆର୍‌ଆଇ ଅନନ୍ତ ସିହ୍ନା ଡାକ୍ତରଖାନାରେ ପହଞ୍ଚିଥିଲେ।

### ପୋଖରୀରେ ବୁଡ଼ି ଯୁବକ ମୃତ

ମାଲକାନଗିରି, ୨୦।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଦବହାଲ ଗ୍ରାମର ଏକ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ସହଦେବ ଜାନୀ। ସେ ଶୁକ୍ରବାର ସନ୍ଧ୍ୟାରେ ନିଜ ହଂସଗୁଡ଼ିକୁ ଘରକୁ ଘଉଡ଼ାଇ ନେବା ପାଇଁ ନିକଟସ୍ଥ ପୋଖରୀ ପାଖକୁ ଆସିଥିଲେ। ପ୍ରବଳ ବର୍ଷା ଯୋଗୁ ଗୋଡ଼ ଖସିଯିବାରୁ ପୋଖରୀ ଭିତରକୁ ଖସିପଡ଼ିଥିବା ଅନୁମାନ କରାଯାଉଛି। ରାତି ତମାମ ପରିବାର ଲୋକେ ବହୁତ ଖୋଜାଖୋଜି କରି ନିରାଶ ହୋଇଥିଲେ। ତେବେ ଶନିବାର ସକାଳେ ପୋଖରୀରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବହିନୀ ମୃତଦେହ ବାହାର କରିଥିଲା। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ମାଲକାନଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି ।

# ଦାଖଲ ହୋଇନି ୧୭୫ କୋଟିର ବିନିଯୋଗ ପ୍ରମାଣପତ୍ର

ରାୟଗଡ଼ା, ୨୦।୭(ଆଶିଷ ରଞ୍ଜନ ପଣ୍ଡା)

- ପଞ୍ଚାୟତିରାଜ ବିଭାଗ
- ଅନିୟମିତତା ଧରିଲା ସ୍ୱତନ୍ତ୍ର ଅଡିଟ

ପଞ୍ଚାୟତିରାଜ ବିଭାଗରେ ହୋଇଥିବା ସ୍ୱତନ୍ତ୍ର ଅଡିଟରେ ଧରାପଡିଛି ଏକ ବଡଧରଣର ଅନିୟମିତତା। ଜିଲାରେ ୧୭୫ କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦାଖଲ ହୋଇନଥିବା ସ୍ୱତନ୍ତ୍ର ଅଡିଟରୁ ଜଣାପଡିଛି । ପୂର୍ବ ସରକାର ସମୟରେ ଏହି ଅନିୟମିତତା ହୋଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ଏବେ ଖୋଳତାଡ ଆରମ୍ଭ କରିଛନ୍ତି ବର୍ତ୍ତମାନର ସରକାର। କେବଳ ଅନୁଦାନ ବାବଦର ୟୁସି ନୁହଁ ଉକ୍ତ ଟଙ୍କାରେ କ'ଣ କାମ ହୋଇଛି ତାହା ଗୁପ୍ତ ଭାବରେ ତଦନ୍ତ ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ହସ୍ତଗତ ହୋଇଛି । ପୂର୍ବ ସରକାରଙ୍କ ସମୟରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ବ୍ଲକଗୁଡିକୁ ଅନୁଦାନ ଦିଆଯାଇଥିଲା। ହେଲେ ଉକ୍ତ ଅନୁଦାନ କେଉଁଠି ଖର୍ଚ୍ଚ ହେଲା ତାର ତଦାରଖ କେହି କଲେ ନାହିଁ। ଅନୁଦାନ ଆସିବା ପରେ ରାଜ୍ୟସ୍ତରୀୟ ସରକାରୀ କଳ ପୁରା ଚୁପ୍ ରହିଗଲେ। ଫଳରେ ବିଡିଓମାନେ ନିଜ ଇଛାରେ ଅନୁଦାନ ଖର୍ଚ୍ଚ କଲେ। ଏଭଳିକି ସରପଞ୍ଚଙ୍କୁ ମଧ୍ୟ ଅବଗତ ନ କରାଇ ଯନ୍ତ୍ରୀଙ୍କ ନାମରେ ବିଭାଗୀୟ କାର୍ଯ୍ୟ ଦର୍ଶାଇ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଉକ୍ତ ଅନୁଦାନରେ କେଉଁଠି ରାସ୍ତା ତ ଆଉ କେଉଁଠି ଡ୍ରେନ୍ ନିର୍ମାଣ ହୋଇଥିବା ଦର୍ଶାଇଛନ୍ତି। ଏଭଳିକି ଗାଁ ଶ୍ମଶାନର ଉନ୍ନତି ଓ ଶୌଚାଳୟ ନିର୍ମାଣ ଦର୍ଶାଇ ବ୍ୟାପକ ଅନିୟମିତତା ହୋଇଛି। ସେହିଭଳି କରୋନା ସମୟରେ ସାମଗ୍ରୀ କିଣା ବାବଦରେ ମଧ୍ୟ ଅର୍ଥ ବାଟମାରଣା ହୋଇଛି। ତେବେ ଏହି ଅନିୟମିତତା କାରଣରୁ ଅଦ୍ୟାବଧି ୟୁସି ଦାଖଲ କରିପାରି ନାହାନ୍ତି ବିଡିଓ । ହେଲେ ଉକ୍ତ ଅନୁଦାନ କେଉଁ ଯୋଜନା ବାବଦରେ ଆସିଥିଲା ସେ ତଥ୍ୟ ମଧ୍ୟ ବ୍ଲକ କାର୍ଯ୍ୟାଳୟରେ ନାହିଁ। ୨୦୧୯–୨୦, ୨୦୨୦–୨୧, ୨୦୨୧–୨୨ ଆର୍ଥିକ ବର୍ଷରେ ଏହି ଅନିୟମିତତା ହୋଇଥିବା ଲୋକାଲ ଫଣ୍ଡ ଅଡିଟ୍ ଧରିଛି । ଅନିୟମିତତା ଜଣାପଡିବା ପରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଗତ ୧୬ ତାରିଖରେ ଚିଠି ନଂ.୧୫୨୮୩ ରେ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। କେଉଁ କାରଣରୁ ୟୁସି ଦାଖଲ ହୋଇନାହିଁ ତାହା ଖୋଜା ଚାଲିଛି । ରାୟଗଡା ଜିଲାର ୧୧ ବ୍ଲକରେ ଏହି ଅନିୟମିତତା ହୋଇଥିବା ଜଣାପଡିଛି। ମିଥ୍ୟା ବିଲ୍‌ରେ ବ୍ୟାପକ ଅର୍ଥ ହଡପ୍ ହୋଇଛି । ଏବେ ଏହା ଜଣାପଡିବା ପରେ ସରକାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମୁଖ୍ୟ ଉନ୍ନୟନ ଅଧିକାରୀ ନୀହାର ରଞ୍ଜନ କହଁରଙ୍କୁ ପଚାରିବାରୁ ମୋ ନିକଟରେ କୌଣସି ସୂଚନା ନାହିଁ । ଏହାର ତଦନ୍ତ କରିବି ବୋଲି ସେ କହିଛନ୍ତି।

# ଯୋଜନାର ଲାଭ ଉଠାଇ ସ୍ୱାବଲମ୍ବୀ ହେବାକୁ ପରାମର୍ଶ



କାର୍ଯ୍ୟକ୍ରମରେ ବିଷମକଟକ ବିଧାୟକ ନୀଳମାଧବ ହିକ୍‌କା ଓ ଅନ୍ୟମାନେ।

ବିଷମକଟକ, ୨୦।୭
(ପ୍ରସନ୍ନ କୁମାର ପଣ୍ଡା)

କେନ୍ଦ୍ର ସରକାରଙ୍କ ଏନ୍‌ଏମ୍‌ଇ ପ୍ଲାନରେ ଶନିବାର ରାୟଗଡା ଜିଲା ଆଜି ବିଷମକଟକ ବ୍ଲକ ଅଧୀନ ଚାଟିକଣା ଗ୍ରାମର ରାଣିବନ୍ଧ ଗ୍ରାମରେ ପ୍ରାୟ ୧୦ ଏକରରୁ ଉର୍ଦ୍ଧ୍ୱ ଜମିରେ ପାମ ଅଏଲ୍ ଚାର ରୋପଣ କରାଯାଇଛି। ଲକ୍ଷ୍ମୀ ବାଲାଜୀ ପ୍ରାଇଭେଟ ଲିମିଟେଡ୍ ଓ ବିଷମକଟକ ଉଦ୍ୟାନ ବିଭାଗ ପକ୍ଷରୁ ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମରେ ବିଷମକଟକ ବିଧାୟକ ନୀଳମାଧବ ହିକ୍‌କା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କୃଷକଙ୍କୁ ସ୍ୱାବଲମ୍ବୀ କରାଇବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ସହାୟତା ପ୍ରଦାନ କରାଯାଉଛି। ଏହାର ଲାଭ ଉଠାଇବା ପାଇଁ ବିଧାୟକ ହିକ୍‌କା ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ବି.କ୍ରିଷ୍ଣା ରାଓଙ୍କ ଚାଟିକଣା ରାଣିବନ୍ଧରେ ଥିବା ୧୦ ଏକରରୁ ଉର୍ଦ୍ଧ୍ୱ ଜମିରେ ପାମ ଅଏଲ ଚାରା ଲଗାଯାଇଛି। ଏହି କାର୍ଯ୍ୟକ୍ରମରେ ହର୍ଟିକଲଚରର ପ୍ରଜ୍ଞାନୀ ବିଶ୍ୱାଳ , ଲକ୍ଷ୍ମୀ ବାଲାଜୀ ପ୍ରାଇଭେଟ ଲିମିଟେଡ୍ କର୍ମକର୍ତ୍ତା, ବ୍ଲକ୍ ସୁପରଭାଇଜର ଦୁଷ୍ମନ୍ତ ଶିକକା, ଜିଲା ସୁପରଭାଇଜର ଭି.ବି. ସାମଲ, କୃଷି ବିଭାଗର ରଘୁନାଥ ଚାଲାଣଙ୍କ ସମେତ ଓ ବହୁ ସଂଖ୍ୟାରେ ସ୍ଥାନୀୟ ଚାଷୀ ଉପସ୍ଥିତ ଥିଲେ।

# 'ଉନ୍ନତ ବିଜ୍ଞାନ, ଆଧୁନିକ ସ୍ଥାପତ୍ୟ ଡିଜାଇନ୍' କର୍ମଶାଳା



ବୈଠକରେ ଅତିଥି ଓ ଅନ୍ୟମାନେ।

ରାୟଗଡା, ୨୦।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କୋଲନରା ବ୍ଲକ ଭୁଜବଳସ୍ଥିତ ମିଟ୍‌ସ କଲେଜର ସିଭିଲ୍ ଇଞ୍ଜିନିୟରିଂ ବିଭାଗ ଏବଂ ବିଶାଖା ଟ୍ରାଭେଲ ଆଣ୍ଡ ଟୁରିଜିମ୍ ଫାଉଣ୍ଡେସନ୍ (ଭିଟିଟିଏଫ୍) ସହିତ ମିଳିତ ଭାବରେ ଆଡଭାନ୍ସଡ ସାଇଣ୍ଟିଫିକ୍ ବାସ୍ତୁ ଏବଂ ଆଧୁନିକ ସ୍ଥାପତ୍ୟ ଏବଂ ଡିଜାଇନ୍' ଉପରେ ଶନିବାର ଏକ ଦିନିକିଆ କର୍ମଶାଳା ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମିଟ୍‌ସ ଉପାଧ୍ୟକ୍ଷ ବିଶ୍ୱଜିତ ପଣ୍ଡା, ନିର୍ଦ୍ଦେଶକ ଡକ୍ଟର ସି.ଭି. ଗୋପୀନାଥ, ଏବଂ ଭିଟିଟିଏଫ୍ ପ୍ରତିଷ୍ଠାତା ଡ଼କ୍ଟର ମଣିଭୂଷଣ ପ୍ରମୁଖ ଏହାର ଶୁଭାରମ୍ଭ କରିଥିଲେ। ଏଥିରେ ଭିୟୁଇୟୁ ପ୍ରତିଷ୍ଠାତା ଡକ୍ଟର ନାରାୟଣ ପଟ୍ଟନାୟକ ବୈଜ୍ଞାନିକ ବାସ୍ତୁ ନୀତିଗୁଡିକୁ ଏକୀକରଣ କରିବା ପାଇଁ ଏକ ଅନ୍ତର୍ନିହିତ ଅଧିବେଶନ ପ୍ରଦାନ କରିଥିଲେ। ସୋଲାର ପ୍ରଣାଳୀ ଏବଂ ତାଜମହଲ ପରି ଉଦାହରଣ ବ୍ୟବହାର କରି ଚକ୍ର ସନ୍ତୁଳନ ଏବଂ ସୁବର୍ଣ୍ଣ ଅନୁପାତକୁ ଆଲୋକିତ କରିଥିଲେ। ଡକ୍ଟର ପଟ୍ଟନାୟକ ମଧ୍ୟ ନିର୍ମାଣରେ ଆୟାମ ଗଣନା ଏବଂ ବ୍ରହ୍ମାସ୍ତ୍ରର ଉପକାର ବିଷୟରେ ବର୍ଣ୍ଣନା କରିଥିଲେ। ଯାହା କୋଣାର୍କ ସୂର୍ଯ୍ୟ ମନ୍ଦିରର ଏକ କେସ୍ ଷ୍ଟଡି ଦ୍ୱାରା ବର୍ଣ୍ଣିତ। ଏହି ସେମିନାରରେ ସାହାଜା ବାସ୍ତୁ ଅସୁବିଧା ଏବଂ ନିର୍ମାଣ ପ୍ରଯୁକ୍ତିବିଦ୍ୟାରେ ଆଧୁନିକ ବାସ୍ତୁର ସୁବିଧା ଦର୍ଶକଙ୍କ ଆଗ୍ରହକୁ ଆକର୍ଷିତ କରିଥିଲା । ଉପସ୍ଥାପିତ ଅଭିନବ ଧାରଣାଗୁଡ଼ିକ ସ୍ଥାୟୀ ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ସେମାନଙ୍କର ସାମର୍ଥ୍ୟ ପାଇଁ ପ୍ରଶଂସିତ ହୋଇଥିଲା। ଡକ୍ଟର ପଟ୍ଟନାୟକ ଏବଂ ଡକ୍ଟର ଭୂଷଣଙ୍କୁ ସମ୍ମାନିତ କରିବା ସହ ପ୍ରଫେସର ରାମାନୁଜ ନାୟକ କର୍ମଶାଳାର ସଫଳତାକୁ ଦର୍ଶାଇ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱାସ୍ଥ୍ୟ, ଆରୋଗ୍ୟ କେନ୍ଦ୍ରରେ ବର୍ଷାଜଳ ରୋକିବା ପାଇଁ ବାଡ଼ ସାଜିଛି ଷ୍ଟ୍ରେଚର

ମାଲକାନଗିରି, ୨୦।୭(ଦୁର୍ଯ୍ୟୋଧନ ପାତ୍ର)

ଚିତ୍ରକୋଣ୍ଡା ବ୍ଲକ୍ ସ୍ୱାଭିମାନ ଅଞ୍ଚଳରେ ଥିବା ଯୋଡ଼ାଆମ୍ବ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ବର୍ଷାଜଳ ରୋକିବା ପାଇଁ ବାଡ଼ ଭାବେ ଷ୍ଟ୍ରେଚରକୁ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍ ସ୍ୱାଭିମାନ ଲଗାଣ ବର୍ଷା ଯୋଗୁ ଯୋଡ଼ାଆମ୍ବ ସ୍ୱାସ୍ଥ୍ୟ ଓ ଆରୋଗ୍ୟ




କେନ୍ଦ୍ରରେ ଶୋଚନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଳ ଅଧିକ ମାତ୍ରାରେ ପଶି ଯାଉଥିବାରୁ କର୍ମଚାରୀମାନେ ଷ୍ଟ୍ରେଚରକୁ ମୁଖ୍ୟ ଗେଟ୍ ଆଗରେ ବାଡ ଭାବେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ବନ୍ୟାଜଳ ପ୍ରବଳ ମାତ୍ରାରେ ପ୍ରବେଶ କରିବା ଫଳରେ ଔଷଧ ପତ୍ର ନଷ୍ଟ ହେବା ସହ କିଛି ଯନ୍ତ୍ରାଂଶ ଖରାପ ହୋଇଥିବା ଜଣାପଡିଛି। ପାଣି ପଶି ଶର୍ଟ ସର୍କିଟ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରର ତାରଗୁଡିକ ଜଳିଯାଇଛି।

# ରାସ୍ତା ଅବରୋଧ କରୁଛି ମାଲ ବୋଝେଇ ଗାଡ଼ି


ରାସ୍ତା ଉପରେ ରହିଥିବା ମାଲ ବୋଝେଇ ଗାଡ଼ି।

ଟିକିରି, ୨୦।୭
(ପ୍ରଫୁଲ୍ଲ କୁମାର ବେହେରା)

- ପାର୍କିଂ ସ୍ଥଳରେ ନାହିଁ ଲାଇଟ୍ ବ୍ୟବସ୍ଥା, ଜମୁଛି କାଦୁଅ

ରାୟଗଡ଼ା ଜିଲା କାଶୀପୁର ବ୍ଲକକୁ କାରଖାନା ଓ ମେଗାପ୍ରଜେକ୍ଟ କାମ ପାଇଁ ଦୈନିକ ଶତାଧିକ ଗାଡ଼ି ମାଲ ପରିବହନ କରିଥାନ୍ତି। ଟିକିରି ବଜାର ମୁଖ୍ୟ ରାସ୍ତା ଦେଇ ଦୈନିକ ଗାଡ଼ିଗୁଡିକ ଯାଉଥିବାରୁ ଟିକିରି ପୋଲିସ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଟିକିରି ନଟରାଜ ପେଟ୍ରୋଲ ପମ୍ପ ନିକଟରେ ଏକ ବେସରକାରୀ ଯାଗାରେ ଗାଡ ପାର୍କିଂ କରାଯାଉଛି। ପାର୍କିଂରେ କୌଣସି ଲାଇଟ ବ୍ୟବସ୍ଥା ନାହିଁ। ପାର୍କିଂର ପ୍ରବେଶ ଦ୍ୱାରରେ କାଦୁଅ ପଚପଚ ହୋଇରହୁଥିବାରୁ ରାସ୍ତା ଉପରେ ଘଣ୍ଟାଘଣ୍ଟା ଗାଡିଗୁଡିକ ଛିଡା ହୋଇ ରହୁଛି। ଫଳରେ ବହୁ ଦୁର୍ଘଟଣା ଘଟୁଛି। ବିଗତ ଦିନରେ ରଙ୍ଗ୍ ରୁଟରେ ଛିଡା ହୋଇଥିବା ଏକ କୋଇଲା ବୋଝେଇ ଗାଡିକୁ ସହ ଯାତ୍ରୀବାହୀ ଅଟ ଧକ୍କା ଦେବା ଫଳରେ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ସର୍ଗୀଗୁଡ଼ା ଗ୍ରାମ ନିକଟରେ ମେଗା ପ୍ରଜେକ୍ଟରେ ଷ୍ଟକୟାର୍ଡ ରହିଅଛି। ଏଠାରେ ମଧ୍ୟ ରାସ୍ତା ଉପରେ ଗାଡିଗୁଡିକ ଛିଡା ହୋଇ ରହୁଛି। ଫଳରେ ଏମିତି ଛୋଟବଡ ଦୁଘଟଣା ଘଟି ଧନ ଜୀବନ ନଷ୍ଟ ହେଉଛି। ଏହା ଉପରେ ନଜର ଦେଇ ସମସ୍ୟା ସମାଧାନ କରିବାକୁ ଦାବି ହେଉଛି।

# ଶୃଙ୍ଖଳା ଖାଦ୍ୟ ମହଜୁଦ ରଖିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

ରାୟଗଡ଼ା, ୨୦।୭
(ଆଶିଷ ରଞ୍ଜନ ପଣ୍ଡା)

- ଲଘୁଚାପଜନିତ ବର୍ଷା ପାଇଁ ରାୟଗଡ଼ାକୁ ଅରେଞ୍ଜ ୱାର୍ନିଂ
- ଜିଲାପାଳଙ୍କ ଜରୁରିକାଳୀନ ବୈଠକ

ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ରାୟଗଡା ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ରାୟଗଡ଼ାରେ ଅରେଞ୍ଜ ୱାର୍ନିଙ୍ଗ ଜାରି କରାଯାଇଛି। ତେଣୁ ଭରଚୁଆଲ ମାଧ୍ୟମରେ ବୈଠକ କରି ସତର୍କତା ଅବଲମ୍ବନ କରିବା ପାଇଁ ଜିଲାପାଳ ମନୋଜ ସତ୍ୟବାନ ମହାଜନ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ମଧ୍ୟରେ କୌଣସି ଅଧିକାରୀ ବିନା ଅନୁମତିରେ ଜିଲା ବାହାରକୁ ଯାଇପାରିବେନି ବୋଲି ଜିଲାପାଳ କହିଛନ୍ତି।

ବନ୍ୟା ଓ ବିପର୍ଯ୍ୟୟ ପରିଚାଳନା କରୁଥିବା ବିଭାଗ ଗୁଡ଼ିକ ୨୪ଘଣ୍ଟା ନିୟନ୍ତ୍ରଣ କକ୍ଷ ଖୋଲା ରଖିବାକୁ ନିର୍ଦ୍ଦେଶ ଜାରି ହୋଇଛି। ଜିଲ୍ଲା ଜରୁରୀକାଳୀନ ସେକ୍ସନ ନିୟମିତ ଭାବରେ ପାଣିପାଗ ସତର୍କତା ବିଷୟରେ ସମସ୍ତ ଅଧିକାରୀମାଙ୍କୁ ଅବଗତ କରିବେ। ଅସ୍ଥାୟୀ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ଗୁଣୁପୁର, ରାୟଗଡା ଏବଂ ବିଷମକଟକ ଅବସ୍ଥାପିତ କେନ୍ଦ୍ରଗୁଡିକ କାର୍ଯ୍ୟକ୍ଷମ କରି ରଖିବ ନିମନ୍ତେ ବିଡିଓ ଏବଂ ତହସିଲଦାରମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସ୍ଥାନୀୟ ବ୍ୟକ୍ତିଙ୍କୁ ନେଇ ଏକ ଟିମ୍ ଗଠନ କରିବାକୁ ଜିଲାପାଳ କହିଛନ୍ତି। ଜିଲା ଯୋଗାଣ ଅଧିକାରୀ ଓ ସମ୍ପୃକ୍ତ ବିଡିଓମାନେ ଶୃଙ୍ଖଳା ଖାଦ୍ୟ ମହଜୁଦ ରଖିବେ। ଗ୍ରାମାଞ୍ଚଳ ଏବଂ ପୌରାଞ୍ଚଳକୁ ପିଇବା ପାଣି , ସ୍ୱାସ୍ଥ୍ୟ ସେବା ପ୍ରାଣୀ ଚିକିତ୍ସା ଆଦି ଯୋଗାଇବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ବିଦ୍ୟୁତ ଏବଂ ରାସ୍ତାଘାଟ ମରାମତି ନିମନ୍ତେ ପ୍ରସ୍ତୁତ ରହିବାକୁ ମଧ୍ୟ ସମ୍ପୃକ୍ତ ବିଭାଗକୁ ଜିଲାପାଳ ମହାଜନ ନିର୍ଦ୍ଦେଶ ଦେଇଛନ୍ତି। ଓଡ୍ରାଫ ଓ ଅଗ୍ନିଶମ ସେବା ଅଧିକାରୀ ସମେତ ସମସ୍ତ ବିଭାଗ ପରସ୍ପରକୁ ସହଯୋଗ ଓ ସମନ୍ୱୟ ରକ୍ଷା କରିବାକୁ ଜିଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ରଇତ, ଜିଲା ପରିଷଦ ସିଡିଓ ନିହାର ରଞ୍ଜନ କହଁର, ଜରୁରୀକାଳୀନ ଅଧିକାରୀ ଲଳିତ ମଣ୍ଡଳଙ୍କ ସମେତ ସମସ୍ତ ବିଭାଗର ଜିଲା ଏବଂ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଠିକ୍ ଆଭିମୁଖ୍ୟ ହିଁ ସଫଳତା

ଗୁଣପୁର, ୨୦।୭(ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଇଞ୍ଜିନିୟରିଂ ବେସିକ ସାଇନ୍ସ ଆଣ୍ଡ ହ୍ୟୁମାନିଟିସ, ସ୍କୁଲ ଅଫ ସାଇନ୍ସେସ୍ ଓ ରାସାୟନିକ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ 'ରାସାୟନିକ ବିଜ୍ଞାନରେ ସାମ୍ପ୍ରତିକ ଅଗ୍ରଗତି ଏକ ସ୍ଥାୟୀ ଆଭିମୁଖ୍ୟ–୨୦୨୪' ସମ୍ପର୍କିତ ୨ ଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଶନିବାର ଉଦ୍‌ଘାଟିତ ହୋଇଛି।

ଭାରତ ସରକାରଙ୍କ ଅଧୀନରେ ଥିବା ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ ଏବଂ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ବିଭାଗ ପକ୍ଷରୁ ପ୍ରଯୋଜିତ ଉଦ୍‌ଘାଟନୀ ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ ବେସିକ ସାଇନ୍ସ ମୁଖ୍ୟ ଡ଼ଃ ପ୍ରତିଭା କର ସ୍ୱାଗତ ଭାଷଣ ଦେଇଥିଲେ। ଆବାହକ ଡ଼ଃ ଉତ୍ତମ କୁମାର ସାହୁ ସମ୍ମିଳନୀର ପ୍ରାଧାନ୍ୟତା ବିଷୟରେ ଆଲୋଚନା କରିଥିଲେ। ରାଉରକେଲା ଏନ୍‌ଆଇଟି ପ୍ରଫେସର ରାଜ କିଶୋର ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଠିକ ଆଭିମୁଖ୍ୟ ହିଁ ସଫଳତା ମତ ଦେଇଥିଲେ। ଏଥିସହ ପରିବେଶ ସୁରକ୍ଷା ବିଷୟରେ ସେ କହିଥିଲେ। ବିଶ୍ୱବିଦ୍ୟାଳୟ ଉପସଭାପତି ଡଃ ଚନ୍ଦ୍ରଧ୍ୱଜ ପଣ୍ଡା ପ୍ରାକୃତିକ ସମ୍ବଳର ଉପଯୁକ୍ତ ବ୍ୟବହାର ଉପରେ ପ୍ରାଧାନ୍ୟ ଓ ରାସାୟନିକ ଦ୍ରବ୍ୟ ସଦୁପଯୋଗ ନେଇ ପରାମର୍ଶ ଦେଇଥିଲେ। କୁଳପତି ଡଃ ଏଭିଏନ୍‌ଏଲ୍ ଶର୍ମା ମୌଳିକ ଗବେଷଣା ବିଶ୍ୱବିଦ୍ୟାଳୟର ମେରୁଦଣ୍ଡ ବୋଲି କହିଥିଲେ। ଏହି ସମ୍ମିଳନୀରେ ବୁର୍ଲାସ୍ଥିତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ରାମ ନରେଶ ମହାଲିଙ୍ଗ୍, ମାଲେସିଆସ୍ଥିତ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ଅଲି ଏଚ୍.ଜାଭେଦ୍, ସାଉଥ୍ କୋରିଆସ୍ଥିତ ଚୋଜେନ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ଃ ସନ୍ଦିପ ମଣ୍ଡଲ, ଇଟାଲୀସ୍ଥିତ ଆଇଏନ୍‌ଏଫ୍‌ଏନ୍ ପ୍ରଫେସର ଡ଼ଃ ଧନଞ୍ଜୟ ଠାକୁର ଆଧୁନିକ ଗବେଷଣା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗର ଛାତ୍ରୀଛାତ୍ର ବିଭିନ୍ନ ପୋଷ୍ଟର ଉପସ୍ଥାପନ କରିଥିବାବେଳେ ସମ୍ମିଳନୀ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ଼ଃ ଏନ୍.ଭି. ଜେ. ରାଓଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ଅନୁଷ୍ଠାନ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, ଗବେଷଣାରତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଅଧ୍ୟାପିକା ବର୍ଷା ଦାଶ ମଞ୍ଚ ପରିଚାଳନା କରିଥିଲେ। ଆବାହକ ଅଧ୍ୟାପିକା ସୁମନ ମିଶ୍ର ଧନ୍ୟବାଦ ଦେଇଥଲେ। ଏହି ଦୁଇ ଦିନିଆ ସମ୍ମିଳନୀରେ ଦେଶ ବିଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରଫେସର୍, ପ୍ରାଧ୍ୟାପକ ଆଭାସି ମାଧ୍ୟମରେ ନିଜ ସନ୍ଦର୍ଭ ପାଠ କରିବେ।



ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି ।

# ସ୍କୁଲ ଛାତ୍ରୀଛାତ୍ର, ହଷ୍ଟେଲ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ମଙ୍ଗଳ, ସ୍ୱାସ୍ଥ୍ୟ ବିଭାଗ ଉଦ୍ୟମ ଜାରି**

- ଘରେ ଘରେ ବୁଲି କରାଯାଉଛି ଲୋକଙ୍କ ରକ୍ତ ପରୀକ୍ଷା
- ସ୍କୁଲ ହଷ୍ଟେଲ ପରିସର ସଫା ରଖିବାକୁ ସଚେତନ କରାଯାଉଛି

ରାୟଗଡା, ୨୦।୭(ଆଶିଷ ରଞ୍ଜନ ପଣ୍ଡା)


ଏକ ସ୍କୁଲରେ ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ରାୟଗଡ଼ା ଜିଲାରେ ବଢୁଥିବା ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟାକୁ ନିୟନ୍ତ୍ରଣ କରିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ମଙ୍ଗଳ ବିଭାଗ ପଦକ୍ଷେପ ନେଇଛି। ଏଥିପାଇଁ ଗାଁରୁ ସହର ଘର ଘର ବୁଲି ରକ୍ତ ପରୀକ୍ଷା, ବିଦ୍ୟାଳୟ ହଷ୍ଟେଲରେ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଅଦ୍ୟାବଧି ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଘଟୁଥିବା ଜଣାପଡିଛି। ତଥାପି ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ସ୍କୁଲ ଓ ହଷ୍ଟେଲ ପରିସର ସଫା ସୁତରା ରଖିବା ସହିତ ପିଲାଙ୍କୁ ସଚେତନତା କରାଯାଉଥିବା ଜିଲା ମଙ୍ଗଳ ବିଭାଗ ପକ୍ଷରୁ ଜଣାପଡିଛି।

ଶନିବାର ସୁଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଚିକିତ୍ସିତ ହେଉଛନ୍ତି। ଶନିବାର କୋଲନରା ବ୍ଲକ ଅଧୀନ ଗାଡିଶେଷଖାଲ ପଞ୍ଚାୟତ ରାମପୁର ଗ୍ରାମର ବୈଶାଖୀ ଫୁଲପୋଡି(୮) ଏବଂ ରାୟଗଡା ବ୍ଲକ ମାଲିଗାଁ ବାଳିକା ଉଚ୍ଚ ବିଦ୍ୟାଳୟର ସ୍ୱପ୍ନା କାଡ୍ରାକା(୮) ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରହିଛନ୍ତି। ମିଳିଥିବା ସୂଚନା ମୁତାବକ ରାୟଗଡ଼ା ବ୍ଲକ ତାଡମା ଉଚ୍ଚ ବିଦ୍ୟାଳୟ, ବିଲେସୁ ଉଚ୍ଚବିଦ୍ୟାଳୟ, କେରେଡା ଉଚ୍ଚବିଦ୍ୟାଳୟ, କଲ୍ୟାଣସିଂହପୁର ବ୍ଲକର ପଲମା ଉଚ୍ଚବିଦ୍ୟାଳୟ, ପାରସାଲି ଉଚ୍ଚବିଦ୍ୟାଳୟ, ବୁଡ଼ାଗୁଡ଼ା ଉଚ୍ଚ ବିଦ୍ୟାଳୟରେ ମ୍ୟାଲେରିଆ ଆକ୍ରାନ୍ତଙ୍କୁ ଚିକିତ୍ସା ଯୋଗାଇ ଦିଆଯାଉଛି। ସେହିଭଳି କୋଲନରା ବ୍ଲକର ରବାଡି ଉଚ୍ଚ ବିଦ୍ୟାଳୟ, ଭେଜା ସେବାଶ୍ରମ, ମୁନିଗୁଡ଼ା ବ୍ଲକର ବରାଗୁଡା ସେବାଶ୍ରମ, ମୁନିଖୋଲ ଆଶ୍ରମ ବିଦ୍ୟାଳୟ, ରାମନାଗୁଡା ବ୍ଲକର କୁଜେନ୍ଦ୍ରି ଉଚ୍ଚ ବିଦ୍ୟାଳୟ ଓ କଣ୍ଡାଜାମ ସେବାଶ୍ରମ ସମେତ ଅନ୍ୟ ସମସ୍ତ ବିଦ୍ୟାଳୟରେ ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି।

# ଲଗାଣ ବର୍ଷା ଯୋଗୁ ମାଲକାନଗିରି ଜଳାର୍ଣ୍ଣବ


ମାଲକାନଗିରି ପୌର ପରିଷଦ ଅନ୍ତର୍ଗତ ୭ନଂ. ୱାର୍ଡରେ ପାଣି ପଶିବାରୁ ଲୋକଙ୍କ ରାସ୍ତାରୋକୋ ।


ଏମ୍‌ଭି ୯୦ ପୋଲ ଉପରେ ବର୍ଷା ଜଳ ।


ବଣ୍ଡାଘାଟି ରାସ୍ତାରେ ବର୍ଷା ଜଳ ।


ବର୍ଷାରେ ସିନ୍ଧିବେଡା ରାସ୍ତା ଦବି ଯାଇଛି ।

## ଲଘୁଚାପ ବର୍ଷା: ଫୁଲୁଛି ପୋଟେରୁ, ସାବେରୀ ନଦୀ

ପଡିଆ, ୨୦।୭(ଭାସ୍କର ରାଓ)

ଲଘୁଚାପଜନିତ ଲଗାଣ ବର୍ଷାରେ ଫୁଲୁଛି ପୋଟେରୁ ଏବଂ ସାବେରୀ ନଦୀ । ପାଣି ନିଷ୍କାସନରେ ବାଧକ ସାଜିଛି ନିର୍ମାଣ କରାଯାଇଥିବା ସେତୁ । କାଲିମେଳାଠାରୁ ପଡ଼ିଆ ବ୍ଲକ୍ ଏବଂ ଛତିଶଗଡ଼କୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଥିବା କନ୍ୟାଶ୍ରମ ନିକଟ ପୋଟେରୁ ପୋଲ । ଏହି ପୋଲ ଦେଇ ରାଜ୍ୟ ତଥା ବାହାରକୁ ଦୈନିକ ବହୁ ସଂଖ୍ୟାରେ ଗାଡି ଚଳାଚଳ କରୁଥିବା ବେଳେ ପୋଲଟି ଅତି ପୁରୁଣା ହୋଇ ନଷ୍ଟ ହୋଇଗଲାଣି । ଏହା ଶହ ୨୦୧୩ରେ ମାଓବାଦୀଙ୍କ ବ୍ଲାଷ୍ଟିଂରେ ଅଧିକ ନଷ୍ଟ ହୋଇଯାଇଛି। ଏହା ଶହ ପ୍ରତିବର୍ଷ ବର୍ଷାଦିନେ ୩ ରୁ ଚାରିଥର ବୁଡ଼ି ଏହା ଉପରେ ୪ ରୁ ୫ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେବାରୁ ଏହାକୁ ଦୃଷ୍ଟିରେ ରଖି ନୂତନ ପୋଲ ନିର୍ମାଣ ପାଇଁ ସରକାର ଟେଣ୍ଡର କରିଥିଲେ। ଏକ ଘରୋଇ କମ୍ପାନୀ କାର୍ଯ୍ୟ ଆରମ୍ଭ କରିଥିଲା। କମ୍ପାନୀ ପକ୍ଷରୁ ଅଳ୍ପ କାର୍ଯ୍ୟ କରାଯାଇ ବନ୍ଦ ହୋଇଯାଇଥିଲା। କିଛି ମାସ ପରେ ପୁନର୍ବାର କାମ ହୋଇଥିଲା। ପୁଣି କିଛି କାର୍ଯ୍ୟ କରାଯାଇ ବନ୍ଦ ହୋଇଯାଇଥିଲା। ଏହିପରି ୫ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି କାର୍ଯ୍ୟର ଅବଧି ସରିଥିଲେ ସୁଦ୍ଧା ତାହା ସମ୍ପୂର୍ଣ୍ଣ ହୋଇପାରୁନାହିଁ । କେଉଁ କମ୍ପାନୀ କାର୍ଯ୍ୟ କରୁଛି, କେତେ ଟଙ୍କା ବ୍ୟୟ ଅଟକଳ ହେଉଛି ତା'ର କୌଣସି ସୂଚନା ଫଳକ ନାହିଁ। ଚଳିତ ବର୍ଷ ପୁନର୍ବାର କାର୍ଯ୍ୟ ଆରମ୍ଭ ହୋଇ ଦୁଇଟି ପିଲାର କରାଯାଇଛି।

ଏହି ଦୁଇଟି ପିଲାର ପାଇଁ ନଦୀର ଅଧା ପର୍ଯ୍ୟନ୍ତ ମାଟି ପଥରରେ ପୋତାଯାଇ କାର୍ଯ୍ୟ କରା ଯାଉଥିଲା। ବର୍ଷା ଆସିବା ପୂର୍ବରୁ କାର୍ଯ୍ୟ ବନ୍ଦ ରହିଛି । କିନ୍ତୁ ନଦୀରେ ଅଧା ପର୍ଯ୍ୟନ୍ତ ମାଟି ପଥର ପକାଯାଇ ବନ୍ଦ କରାଯାଇ ଥିବାରୁ ବର୍ଷା ପାଣି ଠିକ୍ ଭାବେ ନିଷ୍କାସନ ହୋଇପାରୁନାହିଁ। ଫଳରେ ଉପରମୁଣ୍ଡ ପଟେରୁ, କାଙ୍ଗୁରୁ କୋଣ୍ଡା, ଗୁଟ୍ଟେରୁ ଓ ଏମ୍‌ଭି ୯୬ଭଳି ବିଭିନ୍ନ ପୋଲ ଉପରେ ପାଣି ବୁଡି ଚାଲୁଛି । ଏହାକୁ ନେଇ ନାମକୋଣ୍ଡା, ମାରାଣପଲ୍ଲୀ, ଏମ୍‌ଭି ୬୭, ଏମ୍‌ପିଭି ୩୩, ପାଡ଼ୁଗାନପଲ୍ଲୀ, ଏମ୍‌ଭି ୫୬ ଏହିପରି ଅନେକ ଗ୍ରାମର ଚାଷୀମାନେ ଚିନ୍ତାରେ ପଡିଛନ୍ତି ।

ତୁରନ୍ତ ନଦୀରେ ବନ୍ଧା ଯାଇଥିବା ପଥରକୁ ହଟାଇବାକୁ ସରପଞ୍ଚ ମୁନା ପଡିଆମୀଙ୍କ ସମେତ ସବୁ ଗ୍ରାମର ଚାଷୀ ଦାବି କରିଛନ୍ତି । ବିଭାଗୀୟ ଯନ୍ତ୍ରୀ ଅସ୍ମିତି ଧୁରୁବାଙ୍କୁ ମତାମତ ଲାଗି ଯୋଗାଯୋଗ କରାଯାଇଥିଲା। କିନ୍ତୁ ତାହା ସମ୍ଭବ ହୋଇପାରିନାହିଁ ।

## କାନ୍ଥ ପଡ଼ି ୫ ବର୍ଷର ଶିଶୁ ମୃତ

ନବରଙ୍ଗପୁର/ଚନ୍ଦାହାଣ୍ଡି, ୨୦।୭
(ସଦାଶିବ ପ୍ରହରାଜ/ଦିଲୀପ ଦାସ)

ନବରଙ୍ଗପୁର ଜିଲାରେ ୩ ଦିନ ହେବ ବର୍ଷା ଲାଗି ରହିଛି। ଏହା ମଧ୍ୟରେ ଚନ୍ଦାହାଣ୍ଡି ବ୍ଲକ୍ ଦଳବେଡ଼ା ପଞ୍ଚାୟତ ଅଧୀନ ଭାଟିପଡ଼ା ଗ୍ରାମରେ କାନ୍ଥ ଭୁଶୁଡ଼ି ଜଣେ ୫ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦୁର୍ଯ୍ୟାନ ବାଗଙ୍କ ପୁଅ ଫାଲ୍‌ଗୁନୀ। ଚନ୍ଦାହାଣ୍ଡି ତହସିଲଦାର ସହଦେବ କୁଜୁର୍କା ଏବଂ ବିଡିଓ ରାମକୃଷ୍ଣ ନାୟକ ଘଟଣାସ୍ଥଳରେ ପହଞ୍ଚି ତଥ୍ୟ ସଂଗ୍ରହ କରିଛନ୍ତି।

୩ ଦିନ ହେବ ବର୍ଷା ଲାଗି ରହିଛି। ଭାଟିପଡ଼ା ଗ୍ରାମର ଦୁର୍ଯ୍ୟାନ ବାଗ ବାରମ୍ବାର ଆବାସ ଘର ପାଇଁ ନିବେଦନ କରି ନିରାଶ ହୋଇ ନିଜ ପୁରୁଣାକାଳିଆ ଝାଟିମାଟି ଘରେ ସ୍ତ୍ରୀ ଏବଂ ପୁଅ ଫାଲ୍‌ଗୁନୀ ସହ ରହୁଥିଲେ। ଶନିବାର ସକାଳେ ହଠାତ୍ ଘର କାନ୍ଥ ଭୁଶୁଡ଼ି ଫାଲ୍‌ଗୁନୀଙ୍କ ଉପରେ ପଡିବାରୁ ସେ ଚାପି ହୋଇଯାଇଥିଲେ। ତାଙ୍କୁ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ଚନ୍ଦାହାଣ୍ଡି ଗୋଷ୍ଠୀ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ପ୍ରିୟଦର୍ଶୀ ତହସିନ ପ୍ରାଥମିକ ଚିକିତ୍ସା କରାଇଥିଲେ। ଫାଲ୍‌ଗୁନୀଙ୍କ କାନ ପଟୁ ରକ୍ତ ବାହାରୁଥିବା ବେଳେ ଓ ମୁଣ୍ଡରେ ରକ୍ତ ଜମିଥିବା ନେଇ ଡାକ୍ତର କହିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତହସିଲଦାର କୁଜୁର୍କା, ଏଆର୍‌ଆଇ ଅନନ୍ତ ସିହ୍ନା ଡାକ୍ତରଖାନାରେ ପହଞ୍ଚିଥିଲେ। ବିଡିଓ ରାମକୃଷ୍ଣ ନାୟକ ପରିବାର ସଦସ୍ୟଙ୍କୁ ଭେଟି ଘଟଣା ସମ୍ପର୍କରେ ବୁଝିଥିଲେ। ପରିବାର ଲୋକଙ୍କୁ ଶୁଖିଲା ଖାଦ୍ୟ ଯୋଗାଇଦେବା ସହ ଆବାସଗୃହ ପ୍ରଦାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ।

## ଜଗନ୍ନାଥ ନବ ନିର୍ମିତ ବିଗ୍ରହଙ୍କ ନିମନ୍ତେ ବ୍ରହ୍ମଦାରୁ ଛେଦନ



କୋରୁକୋଣ୍ଡା, ୨୦।୭(ଶିବଦତ୍ତ ସାହୁ)

କୋରୁକୋଣ୍ଡା ବ୍ଲକରେ ଜଗନ୍ନାଥଙ୍କ ନିମନ୍ତେ ଶନିବାରୀ ବ୍ରହ୍ମଦାରୁ ଛେଦନ ଶେଷ ହୋଇଛି। ନୂତନ ଭାବେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଏକ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ କୋରୁକୋଣ୍ଡାସ୍ଥିତ କିଶୋର ଚରଣ ମହାନ୍ତିଙ୍କ ବାସଭବନ ପରିସରରେ ଥିବା ବହୁ ପୁରାତନ ଲିମ୍ବ ବୃକ୍ଷ ମହାପ୍ରଭୁଙ୍କ ନୂତନ ବିଗ୍ରହ ନିମନ୍ତେ ଚିହ୍ନଟ କରାଯାଇଥିଲା। ଗତ ୧୩ ତାରିଖ ବିଗ୍ରହଙ୍କୁ ବରଣ କରାଯାଇଥିବା ବେଳେ, ଶନିବାର ପ୍ରଭୁଙ୍କ ବିଗ୍ରହ ନିମନ୍ତେ ବ୍ରହ୍ମଦାରୁଙ୍କୁ ରୀତି ନୀତି ଅନୁଯାଇ ପୂଜାର୍ଚ୍ଚନା ସହିତ ହୋମ ଯଜ୍ଞ କରାଯାଇ ମା ମଙ୍ଗଳାଙ୍କ ନିକଟରୁ ଦାରୁ ଛେଦନ ନିମନ୍ତେ ଆଜ୍ଞାମାଳ ଅଣାଯାଇଥିଲା। ଆଜ୍ଞା ମାଳ ଆସିବା ପରେ ନୂତନ ବିଗ୍ରହଙ୍କ ନିମନ୍ତେ ଦାରୁ ଛେଦନ କରାଯାଇଥିଲା ।

## ପୋଖରୀରେ ବୁଡ଼ି ଯୁବକ ମୃତ

ମାଲକାନଗିରି, ୨୦।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଦବହାଲ ଗ୍ରାମର ଏକ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ସହଦେବ ଜାନୀ। ସେ ଶୁକ୍ରବାର ସନ୍ଧ୍ୟାରେ ନିଜ ହଂସଗୁଡ଼ିକୁ ଘରକୁ ଘଉଡ଼ାଇ ନେବା ପାଇଁ ନିକଟସ୍ଥ ପୋଖରୀ ପାଖକୁ ଆସିଥିଲେ। ପ୍ରବଳ ବର୍ଷା ଯୋଗୁ ଗୋଡ଼ ଖସିଯିବାରୁ ପୋଖରୀ ଭିତରକୁ ଖସିପଡ଼ିଥିବା ଅନୁମାନ କରାଯାଉଛି। ରାତି ତମାମ ପରିବାର ଲୋକେ ବହୁତ ଖୋଜାଖୋଜି କରି ନିରାଶ ହୋଇଥିଲେ। ତେବେ ଶନିବାର ସକାଳେ ପୋଖରୀରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ମୃତଦେହ ବାହାର କରିଥିଲା। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ମାଲକାନଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି ।

## ବାଲିସାଗର ପୋଖରୀ ନିକଟ ଘରେ ବର୍ଷାଜଳ

ମାଲକାନଗିରି, ୨୦।୭ (ଦୁର୍ଯ୍ୟୋଧନ ପାତ୍ର)

**ବସ୍ତିବାସିନ୍ଦାଙ୍କ ମୁଖ୍ୟ ରାସ୍ତା ଅବରୋଧ**

ମାଲକାନଗିରି ସଦର ମହକୁମା ବାଲିସାଗର ପୋଖରୀ ନିକଟ ୱାର୍ଡ ନଂ. ୭ ର ୨୫ ଘରେ ବର୍ଷାଜଳ ପଶିବାରୁ ବସ୍ତି ବାସିନ୍ଦା ଶନିବାର ରାସ୍ତା ଅବରୋଧ କରିଥିଲେ। ଗତ ୫ ମାସ ପୂର୍ବେ ବାଲିସାଗର ପୋଖରୀ ପୁନରୁଦ୍ଧାର ନିମନ୍ତେ ପାଣି ଖାଲି କରାଯାଇ ହିଡ଼ଗୁଡ଼ିକର ଉଚ୍ଚତା ବୃଦ୍ଧି କରାଯାଉଥିଲା। ତେବେ ବର୍ତ୍ତମାନ ବର୍ଷା ଆସିବାରୁ ଏହି କାର୍ଯ୍ୟ ବନ୍ଦ ଥିବା ବେଳେ ବର୍ଷା ହେବା ଯୋଗୁ ପୋଖରୀ ନିକଟରେ ବାସ କରୁଥିବା ୨୫ଟି ପରିବାରଙ୍କ ଘର ଭିତରେ ଜଳ ପ୍ରବେଶ କରୁଛି। ଫଳରେ ଏହି ପରିବାରବର୍ଗ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛି। ଏ ସମ୍ବନ୍ଧରେ ମଧ୍ୟ ବସ୍ତି ବାସିନ୍ଦା ଜିଲା ପ୍ରଶାସନକୁ ଅବଗତ କରାଇଥିଲେ ସୁଦ୍ଧା ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇନାହିଁ। ବସ୍ତିବାସୀଙ୍କ ଘର ଭିତରେ ବର୍ଷାଜଳ ପ୍ରବେଶ କରିବାରୁ ଶନିବାର ବସ୍ତି ବାସିନ୍ଦା ସ୍ଥାନୀୟ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ରାସ୍ତା ଅବରୋଧ କରିଥିଲେ। ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ ପହଞ୍ଚି ପରିସ୍ଥିତି ଦେଖି ତୁରନ୍ତ ବର୍ଷାଜଳ କିପରି ନିଷ୍କାସିତ ହେବ ସେଥିପ୍ରତି ଦୃଷ୍ଟିଦେଇ ଏକ ନାଳ ବ୍ୟବସ୍ଥା କରି ଜଳ ନିଷ୍କାସନ କରିବାକୁ ସୁବିଧା କରାଇଥିଲେ।

## ପାଙ୍ଗାମ ପୋଲ ଉପରେ ପାଣି

**ଅଟକିଲେ ତହସିଲଦାର, ଆମ୍ବୁଲାନ୍ସ**

ମାଥିଲି, ୨୦।୭(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲାରେ ୩ ଦିନ ଧରି ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଅତ୍ୟାଧିକ ବର୍ଷା ଯୋଗୁ ଜୟପୁର-ମାଲକାନଗିରିକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥ ପଙ୍ଗାମ ପୋଲ ଉପରେ ବନ୍ୟାପାଣି ପ୍ରବାହିତ ହେଉଛି। ଫଳରେ ଏହି ରାସ୍ତାଦେଇ ଯାଉଥିବା ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସେହିପରି ମାଥିଲି ବ୍ଲକ୍ ଧୁଙ୍ଗିଆପୁଟ ପଞ୍ଚାୟତ ପାତ୍ରପୁଟ କସମଜଡ଼ି ପୋଲ ଉପରେ ୨ରୁ ୩ଫୁଟ ପାଣି ପ୍ରବାହିତ ହୋଉଛି। ଫଳରେ ଲୋକେ ମାଥିଲି ଯାଇପାରୁନାହାନ୍ତି। ଲଗାଣ ବର୍ଷା ଯୋଗୁ ମାଥିଲି ତହସିଲଦାରଙ୍କ ସମେତ ଅନ୍ୟ ସରକାରୀ କର୍ମଚାରୀ ଅଟକି ରହିବା ସହ ଆମ୍ବୁଲାନ୍ସ ମଧ ଅଟକିଛି । ପାଙ୍ଗାମ ପୋଲ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଛି। ମାଥିଲି ପୋଲିସ ପୋଲରେ ନ ବାକୁ ଲୋକଙ୍କୁ ସତର୍କ କରୁଛି । ପ୍ରଶାସନ ପକ୍ଷରୁ ପୋଲର ଉଭୟ ପାର୍ଶ୍ୱରେ ନାଲିଫିତା ଟଣାଯାଇ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ସମସ୍ତ ସରକାରୀ ଓ ବେସରକାରୀ ବସ୍ ସେଠାରେ ଅଟକି ରହିଛି । ଫଳରେ ଓଡ଼ିଶା-ଆନ୍ଧ୍ର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଶନିବାର ଯାତାୟାତ ସ୍ୱାଭାବିକ ରହିବା ବେଳେ ଅପରାହ୍ନ ୫ରୁ ପୋଲ ଉପରେ ଜଳସ୍ତର ବୃଦ୍ଧିପାଇ ଥିଲା। ଝିପିଝିପି ବର୍ଷା ଲାଗି ରହି ଥିବାବେଳେ ଜଳସ୍ତର ଆହୁରି ବୃଦ୍ଧିପାଇବା ସମ୍ଭାବନା ରହିଛି।


ପାଙ୍ଗାମ ପୋଲ ଉପରେ ପାଣି ପ୍ରବାହିତ ହେଉଥିବାରୁ ପୋଲିସ ଜଗି ରହିଛି ।

## ସ୍ୱାସ୍ଥ୍ୟ, ଆରୋଗ୍ୟ କେନ୍ଦ୍ରରେ ବର୍ଷାଜଳ ରୋକିବା ପାଇଁ ବାଡ଼ ସାଜିଛି ଷ୍ଟ୍ରେଚର

ମାଲକାନଗିରି, ୨୦।୭(ଦୁର୍ଯ୍ୟୋଧନ ପାତ୍ର)




ଚିତ୍ରକୋଣ୍ଡା ବ୍ଲକ୍ ସ୍ୱାଭିମାନ ଅଞ୍ଚଳରେ ଥିବା ଯୋଡ଼ାଆମ୍ବ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ବର୍ଷାଜଳ ରୋକିବା ପାଇଁ ବାଡ଼ ଭାବେ ଷ୍ଟ୍ରେଚରକୁ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ୍ ସ୍ୱାଭିମାନ ଲଗାଣ ବର୍ଷା ଯୋଗୁ ଯୋଡ଼ାଆମ୍ବ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଶୋଚନୀୟ ପରିସ୍ଥିତି ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଳ ଅଧିକ ମାତ୍ରାରେ ପଶି ଯାଉଥିବାରୁ କର୍ମଚାରୀମାନେ ଷ୍ଟ୍ରେଚରକୁ ମୁଖ୍ୟ ଗେଟ୍ ଆଗରେ ବାଡ ଭାବେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ବନ୍ୟାଜଳ ପ୍ରବଳ ମାତ୍ରାରେ ପ୍ରବେଶ କରିବା ଫଳରେ ଔଷଧ ପତ୍ର ନଷ୍ଟ ହେବା ସହ କିଛି ଯନ୍ତ୍ରାଂଶ ଖରାପ ହୋଇଥିବା ଜଣାପଡିଛି। ପାଣି ପଶି ଶର୍ଟ ସର୍କିଟ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରର ତାରଗୁଡିକ ଜଳିଯାଇଛି।

## ମେକା ପଞ୍ଚାୟତ ବୁଲିଲେ ସରପଞ୍ଚ

ମାଥିଲି, ୨୦।୭(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଥିଲି ବ୍ଲକ୍ ମେକା ସରପଞ୍ଚ ରଞ୍ଜିତା ପୂଜାରୀ ଶନିବାର ବିଭିନ୍ନ ଗାଁ ବୁଲି ଲୋକଙ୍କ ସହ ମିଶିଥିଲେ। ପ୍ରବଳ ବର୍ଷା ଯୋଗୁ ଘର ଭୁଶୁଡିବା ସହ ଗାଁଗହଳିରେ ରାସ୍ତାଗୁଡିକ ବୁଡ଼ି ରହିଛି । ସେହିପରି ଦାମାପଡ଼ାଠାରୁ ମେକା ନଦୀଘାଟ ରାସ୍ତା ସମ୍ପୂର୍ଣ୍ଣ ଜଳମଗ୍ନ, ମେକା-ଧଉଡାଗୁଡା ରାସ୍ତା ବିପର୍ଯ୍ୟସ୍ତ, ପୁରୁଣା ଶିରାଗୁଡାରୁ ପୁରୁଣା ଦାମାପଡା, ମଞ୍ଜରୀଗୁଡାଠାରୁ ଘରିଆ ନଦୀ ଧଉଡ଼ାଗୁଡା ରାସ୍ତା ପାଣିରେ ବୁଡିଯାଇଛି। ଲୋକଙ୍କ ସହ ସରପଞ୍ଚ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯିବ ଏହାର ତଦନ୍ତ ଅନୁଯାୟୀ କାର୍ଯ୍ୟକାରୀ କରିବାକୁ କହିଥିଲେ । ମେକା ପଞ୍ଚାୟତର ଗାଁକୁ ଗାଁ, ଘରକୁ ଘର ବୁଲି ସ୍ଥିତି ପରଖି ଥିଲେ।

## ବୁଡ଼ିଲା ତାର୍ଲାକୋଟା ପୁରୁଣା ପୋଲ

କୋରୁକୋଣ୍ଡା, ୨୦।୭(ଶିବଦତ୍ତ ସାହୁ)

- ୭ ବର୍ଷ ହେବ ସରୁନି ନୂଆ ପୋଲ କାମ
- ବାଲିମେଳା-ମାଲକାନଗିରି ଯାତାୟାତ ବିଚ୍ଛିନ୍ନ

ମାଲକାନଗିରି ଜିଲାରେ ଗତ ଶୁକ୍ରବାରରୁ ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି । ଜିଲାର କୋରୁକୋଣ୍ଡା ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ସମେତ ବାଲିମେଳା ସହରରେ ୩ଦିନ ଧରି ଲଗାଣ ବର୍ଷା ଫଳରେ ତାର୍ଲାକୋଟା ନଦୀରେ ଥିବା ପୁରୁଣା ପୋଲ ବୁଡିଯାଇ ତା' ଉପରେ ପ୍ରାୟ ୩-୪ ଫୁଟ ଉଚ୍ଚରେ ବର୍ଷା ଜଳ ପ୍ରବାହିତ ହେଉଛି । ଫଳରେ ଶନିବାର କିଛିଘଣ୍ଟା ଧରି ବାଲିମେଳା-ମାଲକାନଗିରିକୁ ଯାତାୟାତ ବିଚ୍ଛିନ୍ନ ହୋଇଥିଲା। ପୋଲର ଉଭୟ ପାର୍ଶ୍ୱରେ କିଛି ଘଣ୍ଟା ଧରି ଗାଡ଼ି ମୋଟର ଅଟକି ରହିଥିଲା। ଫଳରେ ୩୨୬ନମ୍ବର ଜାତୀୟ ରାଜପଥରେ ଗାଡ଼ି ଚଳାଚଳ କିଛି ଘଣ୍ଟା ପାଇଁ ବନ୍ଦ ହୋଇ ଥିଲା। ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବାନୁଯାୟୀ ପ୍ରତିବର୍ଷ ବର୍ଷା ହେଲେ ତାର୍ଲାକୋଟା ପୋଲ ବୁଡିଯାଇ ଏଭଳି ସମସ୍ୟା ସୃଷ୍ଟି ହେଉଛି। ଫଳରେ ଆମେ ଦୀର୍ଘ ବର୍ଷ ଧରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛୁ। ଏପରିକି ଗୁରୁତର ରୋଗୀଙ୍କୁ ମେଡିକାଲ ନେବାକୁ ଆମ୍ବୁଲାନ୍ସ ମଧ୍ୟ ଆସି ପାରୁନାହିଁ । ଅଞ୍ଚଳରେ ହୋଇଥିବା ଲଗାଣ ବର୍ଷାରେ ବିଭିନ୍ନ ନଦୀ ନାଳରେ ଜଳସ୍ତର ବୃଦ୍ଧି ପାଇବା ସହ ଚାଷ ଜମି ଓ ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିବା ଦେଖିବାକୁ ମିଳିଛି । ଅନ୍ୟ ପକ୍ଷରେ ସରକାର ପ୍ରାୟ ୭ ବର୍ଷ ପୂର୍ବେ ତାର୍ଲାକୋଟା ନଦୀ ଉପରେ ପ୍ରାୟ ୨କୋଟି

୯୬ ଲକ୍ଷ ଟଙ୍କା ବ୍ୟୟରେ ଏକ ନୂତନ ଉଚ୍ଚ ପୋଲ ଆରମ୍ଭ କରିଛନ୍ତି । ମାତ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଦୀର୍ଘ ପ୍ରାୟ ୭ରୁ ଊର୍ଦ୍ଧ୍ୱ ବର୍ଷ ବିତିଯାଇଥିଲେ ମଧ ଏହା ଆଜି ପର୍ଯ୍ୟନ୍ତ ଶେଷ ହୋଇ ପାରୁନାହିଁ। ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣକରି ଶୀଘ୍ର ପୋଲ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଏହି ପୋଲ ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ରାସ୍ତା ଓ ଗୃହ ନିର୍ମାଣ ବିଭାଗ କନିଷ୍ଠଯନ୍ତ୍ରୀ ସଂଗ୍ରାମ ଦଳେଇଙ୍କୁ ପଚାରିବାରୁ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।୧୫ଦିନ ମଧ୍ୟରେ କାମ ଶେଷ କରିବାକୁ ଠିକାଦାରଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ।



**ସଂକ୍ଷେପରେ**

## ଲଗାଣ ବର୍ଷାରେ ଗଛ ଉପୁଡିଲା

ଜୟପୁର, ୨୦।୭ (ପବନ ପାଣିଗ୍ରାହୀ)

ଜୟପୁରରେ ଲଘୁଚାପଜନିତ ଲଗାଣ ବର୍ଷା ଜାରି ରହିଛି । ବର୍ଷା ଯୋଗୁ ସ୍ଥାନୀୟ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ୨ଟି ପୁରୁଣା ବରଗଛ ଉପୁଡି ପଡି ପ୍ରଶାସନିକ ଭବନ ଉପରେ ପଡିଥିଲା। ତେବେ ସୌଭାଗ୍ୟବଶତଃ ଛାତ୍ରୀଛାତ୍ରମାନଙ୍କ କିଛି କ୍ଷତି ହୋଇନାହିଁ। ଖବରପାଇ ପୌରପାଳିକା କର୍ମଚାରୀ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଛକୁ ବାହାର କରିଥିଲେ। ଏଥିରେ ଅଗ୍ନିଶମବାହିନୀର ଚିତ୍ତରଞ୍ଜନ ପାଣ୍ଡିଆଁ, ବିକ୍ରମ ପ୍ରଧାନ, ଦିଲୀପ ନାୟକ, ପବନ ଶବର, ପୌର କର୍ମଚାରୀ ପି.ଜଗଦିଶ ରାଓ ସାମିଲ ହୋଇଥିଲେ।

## ବିଦ୍ୟାଳୟରେ ଚାରା ରୋପଣ କଲେ ବିଧାୟକ



ଜୟପୁର,୨୦।୭(ପବନ ପାଣିଗ୍ରାହୀ)

ବନମୋହତ୍ସବ ପାଳନ ଅବସରରେ କୋରାପୁଟ ଜିଲା ଜୟପୁର ରାଣୀଗଡ ଆଶ୍ରମ ବିଦ୍ୟାଳୟରେ ଶନିବାର ବିଧାୟକ ତାରାପ୍ରସାଦ ବାହିନୀପତି ଅତିଥି ରୂପେ ଯୋଗଦେଇ ଚାରାରୋପଣ କରିଛନ୍ତି। ଗୋଟିଏ ଚାରା ପଦ୍ମଶ୍ରୀ କମଳା ପୂଜାରୀଙ୍କ ସ୍ମୃତିଉଦ୍ଦେଶ୍ୟରେ ସେ ରୋପଣ କରିଥିଲେ। ପ୍ରଧାନଶିକ୍ଷକ ଶଙ୍କର ପ୍ରହରାଜଙ୍କ ଦ୍ୱାରା ଦୀର୍ଘ ବର୍ଷ ହେବ ଚାଲିଥିବା ଘରଟିଏ ଗଛଟିଏ କ୍ରମରେ କେତେ ଜଣ ଅବିଭାବକଙ୍କୁ କିଛି ଚାରା ପ୍ରଦାନ କରାଯାଇଥିଲା। ଚାରା ରୋପଣ ପରେ ବାହିନୀପତି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ହଷ୍ଟେଲ ବୁଲି ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଉପସ୍ଥିତ ଗ୍ରାମବାସୀ ଏହି ଆଶ୍ରମ ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟ କରିବା ନିମନ୍ତେ ବିଧାୟକଙ୍କୁ ଅନୁରୋଧ କରିବାରୁ ସେ ଜିଲା ମଙ୍ଗଳ ଅଧିକାରୀ ସୁନୀଲ ତାଣ୍ଡିଙ୍କ ସହ ଫୋନ ଯୋଗେ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ପ୍ରହରାଜ, ଶିକ୍ଷୟିତ୍ରୀ ଲିଲି ବେହେରା, ଜୟ ଗୋବିନ୍ଦ ସାହୁ, ମାନସ ମହାପାତ୍ର, ରାଣୀଗଡ ସରପଞ୍ଚ ଲକ୍ଷ୍ମଣ ହାଲବା, ସମିତି ସଭ୍ୟା ତୁଳାସା ମୁଦୁଲିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ସମନ୍ୱିତ କୃଷି ପ୍ରଣାଳୀ ସମ୍ପର୍କିତ ତାଲିମ

ଜୟପୁର,୨୦।୭(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଏମ୍ଏସ୍ ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ସମନ୍ୱିତ କୃଷି ପ୍ରଣାଳୀ ସମ୍ପର୍କିତ ଦୁଇଦିନିଆ ଅଣ-ଆବାସିକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୈପାରିଗୁଡା ବ୍ଲକର ୭୦ରୁ ଅଧିକ ଚାଷୀ ଯୋଗ ଦେଇଥିଲେ। ଜୟପୁର ସହକାରୀ ମତ୍ସ୍ୟସମ୍ପଦ ଅଧିକାରୀ ସିମାଞ୍ଚଳ ପାଢ଼ୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଚାଷୀମାନଙ୍କୁ ମାଛ ଚାଷ ମାଧ୍ୟମରେ କିପରି ଅଧିକ ଲାଭବାନ ହୋଇପାରିବେ ସେନେଇ ବୁଝାଇଥିଲେ। ପୋଖରୀ ପ୍ରସ୍ତୁତିଠାରୁ ଆରମ୍ଭ କରି ମାଛ ଛାଡିବା ପର୍ଯ୍ୟନ୍ତ ବିଭିନ୍ନ ପରିଚାଳନା ପଦ୍ଧତି ଉପରେ ସେ ଆଲୋଚନା କରିଥିଲେ। ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଶାନ୍ତ ପରିଡା ରାଜ୍ୟ ସରକାର ସମନ୍ୱିତ କୃଷି ପ୍ରଣାଳୀ ମାଧ୍ୟମରେ ଚାଷ କରି ଲାଭାନ୍ୱିତ ହେବାକୁ ଚାଷୀଙ୍କୁ କହିଥିଲେ। ଏହି ଅବସରରେ ଚାଷୀଙ୍କୁ ବିଭିନ୍ନ ପ୍ରକାର ପନିପରିବା ବିହନ ପ୍ରଦାନ କରାଯାଇଥିଲା।

# ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କଲେ ବିଧାୟକ

**ପଞ୍ଚାୟତ ସମିତି ବୈଠକ**

ଦଶମନ୍ତପୁର, ୨୦।୭ (ଅରବିନ୍ଦ ନାୟକ)



ବୈଠକରେ ଉପସ୍ଥିତ ଥିବା ବିଧାୟକ ପବିତ୍ର ସାଉଁତା, ବିଭିନ୍ନ ବିଭାଗର ଅଧିକାରୀ ଓ ଅନ୍ୟମାନେ।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସମ୍ମିଳନୀ କକ୍ଷରେ ଶନିବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବିଡିଓ ମିଲନ ଝାଙ୍କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ପୂର୍ଣ୍ଣିମା ଜାନି, ଉପାଧକ୍ଷ ଅରୁଣ ଚେଟି, ଅତିରିକ୍ତ ତହସିଲଦାର ଜଗୁ ପୂଜାରୀ, ଜୋନ-୧ର ଜିଲା ପରିଷଦ ସଭ୍ୟାସଭ୍ୟ, ଓ ଜୋନ-୨ର ଜିଲା ପରିଷଦ ସଭ୍ୟ ଧନପତି ସାଉଁତା, ସହକାରୀ ଯନ୍ତ୍ରୀ ଅଭିଷେକ ଷଡ଼ଙ୍ଗୀ, କଂଗ୍ରେସ ବ୍ଲକ ସଭାପତି ବେଣୁଧର ପାତ୍ର, ରାଜେନ୍ଦ୍ର ହୁଇକା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୀପକ ସାମଲ, ବିପିଏମ୍ ଶ୍ରୀକାନ୍ତ ଦାଶଙ୍କ ସହ ସବୁ ପଞ୍ଚାୟତ ର ସରପଞ୍ଚ, ସମିତି ସଭ୍ୟାସଭ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ପ୍ରଥମେ ବ୍ଲକରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଉପସ୍ଥାପନା କରିବାକୁ ବିଧାୟକ ସାଉଁତା ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ପାନୀୟ ଜଳ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଉନ୍ନୟନମୂଳକ କାର୍ଯ୍ୟ ଏବଂ ବ୍ଲକର ବିକାଶ କରିବାକୁ ହେଲେ ପାନ୍ତର ଅନ୍ତର ନୀତି ଛାଡି ପରସ୍ପର ପ୍ରତି ସହଯୋଗ ରହିଲେ ସମସ୍ୟାର ସମାଧାନ ସହ ବିକାଶ ହୋଇପାରିବ ବୋଲି ବିଧାୟକ ସାଉଁତା ପ୍ରକାଶ କରିଥିଲେ। ଆଗାମୀ ଦିନରେ ଆମ ଓଡିଶା ନବୀନ ଓଡିଶା ପକ୍ଷରୁ ହୋଇଥିବା ୧୯୬ଟି ପ୍ରକଳ୍ପର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଥିଲେ। ସେହିପରି ପ୍ରତି ପଞ୍ଚାୟତକୁ ପୂର୍ବ ସରକାର ସମୟରେ ଆସିଥିବା ୫୦ ଲକ୍ଷ ଲେଖାଏ ଟଙ୍କାର ଅନୁଦାନ ସମ୍ପର୍କରେ ଆମ ପାଖରେ କୌଣସି ସୂଚନା ନାହିଁ ବୋଲି ସମିତି ସଭ୍ୟାସଭ୍ୟ ଓ ସରପଞ୍ଚମାନେ ବୈଠକରେ ଅଭିଯୋଗ କରିଥିଲେ।

## କୋରାପୁଟ ଜିଲାରେ ୯୪୩.୧ ମି.ମି. ବର୍ଷା

କୋରାପୁଟ,୨୦।୭(ଅମିତାଭ ବେହେରା)

**କୋଟପାଡ଼ରେ ସର୍ବାଧିକ ୧୫୮, ନାରାୟପାଟଣା ବ୍ଲକରେ ୧୪.୬ ମିମି ବର୍ଷା**

କୋରାପୁଟ ଜିଲାରେ ଶନିବାର ୯୪୩.୧ ମିଲିମିଟର ବର୍ଷା ହୋଇଛି। ଜିଲାର କୋଟପାଡ଼ ବ୍ଲକରେ ସର୍ବାଧିକ ୧୫୮ ମି.ମି. ବର୍ଷା ହୋଇଥିବା ବେଳେ ନାରାୟପାଟଣା ବ୍ଲକରେ ସର୍ବନିମ୍ନ ୧୪.୬ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। କୁନ୍ଦୁରା ବ୍ଲକରେ ୭୨.୪ ମି.ମି., ନନ୍ଦପୁର ବ୍ଲକରେ ୮୫ ମି.ମି., କୋରାପୁଟ ବ୍ଲକରେ ୫୯ ମି.ମି., ସେମିଳିଗୁଡା ବ୍ଲକରେ ୭୨ ମି.ମି., ବୋରିଗୁମ୍ମା ବ୍ଲକରେ ୫୫.୬ ମି.ମି., ଲମତାପୁଟ ବ୍ଲକରେ ୭୮.୩ ମି.ମି., ଜୟପୁର ବ୍ଲକରେ ୮୬.୪ ମି.ମି., ବୈପାରିଗୁଡା ବ୍ଲକରେ ୯୪ ମି.ମି., ଲକ୍ଷ୍ମୀପୁର ବ୍ଲକରେ ୧୫.୮ ମି.ମି., ଦଶମନ୍ତପୁର ବ୍ଲକରେ ୫୧ ମିମି, ବନ୍ଧୁଗାଁ ବ୍ଲକରେ ୩୪ ମି.ମି., ନାରାୟପାଟଣା ବ୍ଲକରେ ୧୪.୬ ମି.ମି. ପଟ୍ଟାଙ୍ଗି ବ୍ଲକରେ ୬୭ ମି.ମି. ବର୍ଷା ହୋଇଥିବା ଜଣାପଡିଛି।

## କୋରାପୁଟ-ଡୁମୁରିପୁଟ ରାସ୍ତାରେ କାର୍ ଜଳିଗଲା



କୋରାପୁଟ,୨୦।୭(ଅମିତାଭ ବେହେରା)

କୋରାପୁଟ ଡୁମୁରିପୁଟ ମଧ୍ୟରେ ଥିବା ବରୁଗୁଡା ଗ୍ରାମ ନିକଟସ୍ଥ ୨୬ନଂ. ଜାତୀୟ ରାଜପଥରେ ଶନିବାର ଅପରାହ୍ନ ୫ଟାରେ ଏକ କାର ଜଳିଯାଇଛି। ଶର୍ଟ ସର୍କିଟ ଯୋଗୁ କାରଟି ଜଳିଯାଇଥିବା ଜଣାପଡିଛି। କାରଟି ସୁନାବେଡାରୁ କୋରାପୁଟ ରେଳଷ୍ଟେଶନକୁ ଆସୁଥିବା ବେଳେ ଏପରି ଅଘଟଣ ଘଟିଛି। ଖବରପାଇ କୋରାପୁଟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଯତ୍ନର ସହ ପହଞ୍ଚାଉନି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର

**ବେପରୁଆ ଡାକ ବିଭାଗ**

ସୁନାବେଡ଼ା, ୨୦।୭(କୃତ୍ତିବାସ ପ୍ରଧାନ)

କେନ୍ଦ୍ର ସରକାରଙ୍କ ଅଧୀନ ଡାକ ବିଭାଗର ବେପରୁଆ ମନୋଭାବ ଯୋଗୁ ଲୋକେ ହଇରାଣ ହେଉଛନ୍ତି। ବିଭାଗର ଖାମଖିଆଲ ମନୋଭାବ ପାଇଁ ନିଜର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପାଉ ନ ଥିବା ଏବଂ କେବେ କେବେ କିଛି କାଗଜପତ୍ର ନଷ୍ଟ ଅବସ୍ଥାରେ ଲୋକଙ୍କ ନିକଟରେ ପହଞ୍ଚୁଥିବା ଅଭିଯୋଗ ହେଉଛି। ଏପରି ସ୍ଥଳେ ଡାକ ଦ୍ୱାରା ଆସିଥିବା ଧରିତ୍ରୀ ଖବରକାଗଜର କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପାଣିରେ ଭିଜି ନଷ୍ଟ ହୋଇଥିବା ଆସିଥିବା ନଜରକୁ ଆସିଛି। ଚଳିତ ମାସ ୧୬ ତାରିଖରେ ଧରିତ୍ରୀ କାର୍ଯ୍ୟାଳୟ ସୁନାବେଡ଼ା ପ୍ରତିନିଧିଙ୍କ ନିକଟକୁ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଡାକ ଯୋଗେ ପଠାଇଥିଲେ। ମାତ୍ର ଏହି କାଗଜପତ୍ର ପ୍ରତିନିଧିଙ୍କ ନିକଟରେ ପହଞ୍ଚିବା ବେଳକୁ ସେଗୁଡିକ ପାଣିରେ ଭିଜି ନଷ୍ଟ ହୋଇଯାଇଥିବା ସେ ଦେଖିବାକୁ ପାଇଥିଲେ। ଏହା ଡାକ ବିଭାଗର ଦାୟିତ୍ୱବୋଧ ଉପରେ ପ୍ରଶ୍ନ ଉଠାଇଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି।



ଧରିତ୍ରୀ ପ୍ରତିନିଧିଙ୍କୁ ଡାକ ବିଭାଗ ନଷ୍ଟ ଅବସ୍ଥାରେ ମିଳିଥିବା କାଗଜପତ୍ର।

## ମନ୍ଦିରରୁ ଚୋରି କରିନେଲେ ଲକ୍ଷେ ଟଙ୍କାର ଅଳଙ୍କାର

ସୁନାବେଡା/ସେମିଳିଗୁଡା,୨୦।୭ (କୃତ୍ତିବାସ ପ୍ରଧାନ,ବାସୁଦେବ ବରାଡ଼)

ସୁନାବେଡା ଓ ସେମିଳିଗୁଡା ସହରରେ ଗତ କିଛି ଦିନ ହେବ ଚୋରି ଘଟଣା ବଢ଼ିଚାଲିଛି। ଏବେ ଦୁର୍ବୃତ୍ତମାନେ ମନ୍ଦିରଗୁଡିକୁ ଟାର୍ଗେଟ୍ କରୁଛନ୍ତି । ଶୁକ୍ରବାର ବିଳମ୍ବିତ ରାତିରେ ସେମିଳିଗୁଡା ଓସିସି ନଗର ପାହାଡ଼ ଉପରେ ଥିବା ମା' ମଙ୍ଗଳାଙ୍କ ମନ୍ଦିରରୁ ଚୋରମାନେ ୩ଟି ତାଲା ଭାଙ୍ଗି ଭିତରେ ପଶି ମା'ଙ୍କ ରୁପା ମୁକୁଟ ଓ ଗୋଟିଏ ସୁନାର ମଙ୍ଗଳ ସୂତ୍ର ନେଇଯାଇଛନ୍ତି। ତେବେ ଦାନ ହୁଣ୍ଡିକୁ ଭାଙ୍ଗି ଟଙ୍କା ଲୁଟିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ମନ୍ଦିର ପରିଚାଳନା କମିଟି ସମ୍ପାଦକ ବିଶ୍ୱ ବଦମ ସାମଲ ,ନେଇ ସୁନାବେଡା ଥାନାରେ ଅଭିଯୋଗ କରିଛନ୍ତି। ମା'ଙ୍କ ଲକ୍ଷେ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନାଅଳଙ୍କାର ଚୋରି ହୋଇଥିବା ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ସବୁଦିନ ଭଳି ଶୁକ୍ରବାର ମଧ୍ୟ ମା'ଙ୍କ ସନ୍ଧ୍ୟା ରୀତିନୀତି ପରେ ମନ୍ଦିରରେ ତାଲା ପକାଇ ପୂଜକ ଚାଲି ଆସିଥିଲେ। ଶନିବାର ସକାଳୁ ମନ୍ଦିର ଖୋଲିବାକୁ ଆସି ପୂଜକ ମନ୍ଦିରର ତାଲା ଭଙ୍ଗା ଯାଇଥିବା ଦେଖି ମନ୍ଦିର ପରିଚାଳନା କମିଟି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏଏସ୍ଆଇ ବାଳକୃଷ୍ଣ ରଥ କର୍ମଚାରୀଙ୍କ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଏକ ଚୋରି ମାମଲା ରୁଜୁ ହୋଇ ତଦନ୍ତ ଜାରିଥିବା ଏଏସ୍ଆଇ ରଥ କହିଛନ୍ତ।

## ଟିପିଏସ୍ଓଡିଏଲ୍ ପକ୍ଷରୁ ବୈଦ୍ୟୁତିକ ସୁରକ୍ଷା ସମ୍ପର୍କିତ ସଚେତନତା



କୁଇଜ୍ ପ୍ରତିଯୋଗିତାର ଜଣେ କୃତୀ ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଜୟପୁର,୨୦।୭(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଟିପି ଦକ୍ଷିଣାଞ୍ଚଳ ଓଡ଼ିଶା ବିତରଣ ଲିମିଟେଡ୍ ପକ୍ଷରୁ ୫ମ ଜାତୀୟ ବୈଦ୍ୟୁତିକ ସୁରକ୍ଷା ସପ୍ତାହ ଅବସରରେ ଜଗଦୀଶ ଚନ୍ଦ୍ର ନାୟକ ସରକାରୀ ଉଚ୍ଚବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରମାନଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ବିଜ୍ଞାନ ଶିକ୍ଷୟିତ୍ରୀ ଏ. ଶ୍ୱେତାଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ଦୀପ୍, ଶିକ୍ଷୟିତ୍ରୀ ମାଧୁରୀ ମଧୁମିତା, ସୁଧାରାଣୀ ଭୂପତି ଓ ମଞ୍ଜୁଳା ପାଣିଗ୍ରାହୀ ଉପସ୍ଥିତ ଥିଲେ। ବୈଦ୍ୟୁତିକ ସୁରକ୍ଷା ଆପଣାନ୍ତୁ- ଜୀବନକୁ ସୁରକ୍ଷିତ ରଖନ୍ତୁ ୫ମ ଜାତୀୟ ବୈଦ୍ୟୁତିକ ସୁରକ୍ଷା ସପ୍ତାହର ଆଭିମୁଖ୍ୟ ଥିଲା।

ଏ ସମ୍ପର୍କରେ ଇଂ. ସୌମ୍ୟରଞ୍ଜନ ଲେଙ୍କା ଅବଗତ କରାଇଥିଲେ। ବିଦ୍ୟୁତ୍ ବ୍ୟବହାର ସମୟରେ ଉପଯୁକ୍ତ ସୁରକ୍ଷା ଅବଲମ୍ବନ କରିବା ନେଇ ସେ ଗୁରୁତ୍ୱାରୋପ କରିଥିଲେ। ସୁରକ୍ଷା ଅଧିକାରୀ ପ୍ରମୋଦ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ଘରୋଇ ବୈଦ୍ୟୁତିକ ସୁରକ୍ଷା ଉପରେ ସୁରଜିତ ସ୍ୱାଇଁ ମତ ରଖିଥିଲେ। ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାରେ ଦଶମଶ୍ରେଣୀ ଛାତ୍ର ଶମ୍ଭୁ ଲମତା ପ୍ରଥମ, ନବମ ଶ୍ରେଣୀ ଛାତ୍ର ଭକ୍ତ ଖିଲ ଓ ଶ୍ରୀତମ ମିଶ୍ର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ଟିପିଏସ୍ଓଡିଏଲ୍ ପକ୍ଷରୁ ପୁରସ୍କୃତ କରାଯାଇଥିଲା । ସୁରକ୍ଷା ଅଧିକାରୀ ମୋହର ସାହୁ ଓ ଜ୍ଞାନରଞ୍ଜନ ରାଉତ ସହଯୋଗ କରିଥିଲେ ।

# ୨ ହଜାର ନୋଟ୍ ବଦଳାଇ ନ ପାରି ବ୍ୟାଙ୍କରୁ ନିରାଶ ହୋଇ ଫେରୁଛନ୍ତି ଗ୍ରାହକ

ପଟ୍ଟାଙ୍ଗି,୨୦।୭(ଶରତ ଧଳ)

ଗ୍ରାମାଞ୍ଚଳରେ ବସବାସ କରୁଥିବା ଚାଷୀଙ୍କ ଠାରୁ ଆରମ୍ଭ କରି ସାଧାରଣ ମଣିଷ ବର୍ତ୍ତମାନ ଦୁଇ ହଜାର ନୋଟ୍ କୁ ନେଇ ପଡି ଯାଇଛନ୍ତି ଚିନ୍ତାରେ। କୋରାପୁଟ ଜିଲା ପଟ୍ଟାଙ୍ଗି ସଦର ମହକୁମାରେ ଏପରି ଦେଖିବାକୁ ମିଳିଛି। ଦୁଇ ହଜାର ଟଙ୍କିଆ ନୋଟ୍‌କୁ କେନ୍ଦ୍ର ସରକାର ଅଚଳ କରି ଦେଇବା ପରେ ରିଜର୍ଭ ବ୍ୟାଙ୍କ ନିକଟସ୍ଥ ବ୍ୟାଙ୍କମାନଙ୍କୁ ଯାଇ ନିଜ ପାଖରେ ଥିବା ଦୁଇ ହଜାର ଟଙ୍କା ବଦଳାଇ ଆଣିବାକୁ ଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ଜାଣିଥିବା ଲୋକେ ଏହାକୁ ବଦଳାଇ ପାରିଥିବା ବେଳେ ଏ ବୁଝି ପାରି ନ ଥିବା ଗ୍ରାମାଞ୍ଚଳଲୋକେ ଏବେ ନିଜ ପାଖରେ ରଖିଥିବା ଏହି ଦୁଇ ହଜାର ଟଙ୍କିଆ ନୋଟ୍ ନେଇ ନିକଟସ୍ଥ ବ୍ୟାଙ୍କମାନଙ୍କୁ ଯାଇ ବଦଳାଇବାକୁ ଚେଷ୍ଟା କରୁଥିଲେ ମଧ୍ୟ ବଦଳାଇ ପାରୁ ନାହାଁନ୍ତି। ଏହାକୁ ନେଇ ବର୍ତ୍ତମାନ ସେମାନେ ଚିନ୍ତାରେ ପଡିଛନ୍ତି। ଦୁଇ ହଜାର ଟଙ୍କିଆ ନୋଟ୍ ରଖିଥିବା ଲୋକେ ଏହାକୁ ନେଇ ବ୍ୟାଙ୍କକୁ ଗଲେ ଏଠାରେ ବଦଳ ହୋଇପାରିବ ନାହିଁ, ରିଜର୍ଭ ବ୍ୟାଙ୍କରେ ହୋଇପାଇବ କହି ଫେରାଇ ଦେଉଥିବା ଦେଖିବାକୁ ମିଳୁଛି। ଏହି ନୋଟ୍ ଗୁଡିକକୁ ବିଭିନ୍ନ ବ୍ୟାଙ୍କମାନଙ୍କରେ କିପରି ବଦଳାଯାଇ ପାରିବ ସେନେଇ ରିଜର୍ଭ ବ୍ୟାଙ୍କ ପୁନର୍ବାର ବ୍ୟାଙ୍କମାନଙ୍କୁ ନିର୍ଦ୍ଦେଶ ଦେଲେ ମୋପରି ବହୁ ଲୋକ ଉପକୃତ ହେବେ ବୋଲି ବ୍ୟାଙ୍କକୁ ନୋଟ୍ ବଦଳାଇବାକୁ ଯାଇ ନିରାଶ ହୋଇ ଫେରିଥିବା ଦେଓପଟ୍ଟାଙ୍ଗିର ଜଣେ ଭିନ୍ନକ୍ଷମ ଚାଷୀ ପଦୁ ପୁଜାରୀ କହିଛନ୍ତି।




ବ୍ୟାଙ୍କରୁ ନିରାଶ ହୋଇ ଫେରିଥିବା ପଦୁ ଦୁଇହଜାର ଟଙ୍କିଆ ନୋଟ୍ ଦେଖାଉଛନ୍ତି।

## ଜଗନ୍ନାଥ ସାଗର ପୁନରୁଦ୍ଧାରକାର୍ଯ୍ୟ ସମୀକ୍ଷାକଲେ ବିଧାୟକ

ଜୟପୁର, ୨୦।୭ (ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଐତିହାସିକ ଜଗନ୍ନାଥ ସାଗରର ପୁନଃରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଶନିବାର ବିଧାୟକ ତାରାପ୍ରସାଦ ବାହିନୀପତି ଏହି କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜଗନ୍ନାଥ ସାଗରର ପଙ୍କ ଉଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହେବ । କାର୍ଯ୍ୟ ଠିକ୍ ରୂପେ କରିବା ଓ ଶୀଘ୍ର ସାରିବା ଉପରେ ଏହି ସମୟରେ ବିଧାୟକ ଗୁରୁତ୍ୱାରୋପ କରିଥିଲେ। ସୂଚନାଯୋଗ୍ୟ, ଜଗନ୍ନାଥ ସାଗରର ପୁନରୁଦ୍ଧାର ନେଇ ବିଭିନ୍ନ ସମୟରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇ ଆସୁଥିଲା।

# ବର୍ଷାରେ ଘର କାନ୍ଥ ଭୁଶୁଡି ୨ ଝିଅଙ୍କ ସହ ମା' ଗୁରୁତର

ବୈପାରିଗୁଡା,୨୦।୭ (କଳ୍ପତରୁ ମହାନ୍ତି)

କୋରାପୁଟ ଜିଲାରେ ଲଘୁଚାପଜନିତ ଲଗାଣ ବର୍ଷା ଲାଗିରହିଛି। ଏଥିଯୋଗୁ ବିଭିନ୍ନ ସ୍ଥାନରେ ଲୋକେ ଘରୁ ବାହାରକୁ ବାହାରିପାରୁନାହାନ୍ତି। ବୈପାରିଗୁଡା ବ୍ଲକରେ ଶନିବାର ଜଣେ ବ୍ୟକ୍ତିଙ୍କ ଘର କାନ୍ଥ ଭୁଶୁଡିପଡି ପରିବାରର ୨ ଝିଅ ଓ ମାଆ ଗୁରୁତର ଆହତ ହୋଇଛନ୍ତି। ଖବରରୁ ଜଣାପଡିଛି, ଏହି ବ୍ଲକରେ ଗତକିଛି ଦିନ ହେଲା ବର୍ଷା ଜାରି ରହିଛି। ଶନିବାର ଚନ୍ଦ୍ରପଡା ପଞ୍ଚାୟତର ଅଟ୍ଟାଳଗୁଡା ଗ୍ରାମରେ ଆନନ୍ଦ ପ୍ରଧାନୀଙ୍କ ଆଜବେଷ୍ଟସ୍ ଘରର କାନ୍ଥ ଭୁଶୁଡିପଡିଥିଲା। ଏହି ସମୟରେ ଘରଭିତରେ ରୋଷେଇ କରୁଥିବା ପ୍ରଧାନୀଙ୍କ ସ୍ତ୍ରୀ ଡାଳିମ୍ବ ଓ ତାଙ୍କ ୨ଝିଅ ନୟନା (୨୦) ଓ ଦୀପା (୧୫) ଆହାତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ବୈପାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଲାଗି ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।



ଆନନ୍ଦ ପ୍ରଧାନୀଙ୍କ ଭୁଶଡ଼ି ପଡିଥିବା ଆଜବେଷ୍ଟସ୍ ଘରର କାନ୍ଥ।

# ରକ୍ତହୀନତା ଦୂରକରେ ଫର୍ଟିଫାଏଡ୍ ଚାଉଳ

**ଆଇରନଯୁକ୍ତ ପୋଷକ ତତ୍ତ୍ୱ ଚାଉଳ ବ୍ୟବହାର ନେଇ କର୍ମଶାଳା**

କୋରାପୁଟ,୨୦।୭(ଅମିତାଭ ବେହେରା)




କର୍ମଶାଳାରେ ଉପସ୍ଥିତ ଅତିଥି।

କୋରାପୁଟ ଜିଲାରେ ସାଧାରଣ ଲୋକଙ୍କ ରକ୍ତହୀନତା ଦୂରକରିବା ସକାଶେ ଆଇରନଯୁକ୍ତ ପୋଷକ ତତ୍ତ୍ୱ ଚାଉଳ ବ୍ୟବହାର ସକାଶେ ଲୋକଙ୍କୁ ଉତ୍ସାହିତ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଶନିବାର ସ୍ୱାସ୍ଥ୍ୟ ବିଭାଗ ସଭାଗୃହରେ ଜିଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ଆଇରନଯୁକ୍ତ ପୋଷକ ତତ୍ତ୍ୱ (ଫର୍ଟିଫାଏଡ ଚାଉଳ) ବ୍ୟବହାର ପାଇଁ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ସିଡିଏମ୍ଓ ଡା. ସୁଶାନ୍ତ ଦାସ, ବିଶ୍ୱ ଖାଦ୍ୟ ସଂସ୍ଥାର ଫର୍ଟିଫାଏଡ୍ ଚାଉଳ ଓଡ଼ିଶା ପରାମର୍ଶଦାତା ମୋନା ଜାଠୁଆ, ଏଡିପିଏଚ୍ଓ, ଜାତୀୟ ସ୍ୱାସ୍ଥ୍ୟ ମିଶନର କର୍ମଚାରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇ ଫର୍ଟିଫାଏଡ୍ ଚାଉଳ ବ୍ୟବହାରର ଉପକାରିତା ଉପରେ ଆଲୋଚନା କରିଥିଲେ। ସୁସ୍ଥ ମଣିଷ ପାଇଁ ପୋଷଣଯୁକ୍ତ ଫର୍ଟିଫାଏଡ୍ ଚାଉଳ ବ୍ୟବହାରର ଆବଶ୍ୟକତା ଉପରେ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଥିଲା। ପରାମର୍ଶଦାତା ଜାଠୁଆ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଣ ହେଉଥିବା ଚାଉଳକୁ ଜିଲା ଖାଦ୍ୟ ଯୋଗାଣ ବିଭାଗ ମାଧ୍ୟମରେ ଫର୍ଟିଫାଏଡ୍ କରାଯାଇ ଯୋଗାଣ କରାଯିବ। ଏହି ଚାଉଳ ବ୍ୟବହାର କରିବା ଦ୍ୱାରା ରକ୍ତହୀନତା ଦୂରହୋଇଥାଏ। ଏଥିସହ ଏହି ଚାଉଳରେ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ଫୋଲିକ୍ ଏସିଡ, ଜିଙ୍କ୍ , ଭିଟାମିନ-ବି ୧୨,ବି-୧, ବି-୨, ବି-୩, ବି-୬ ଆଦି ରହିଛି ବୋଲି ସେ କହିଥିଲେ। କର୍ମଶାଳାରେ ଜିଲା ଖାଦ୍ୟ ଯୋଗାଣ ବିଭାଗର ଅଧିକାରୀ,କ୍ଷେତ୍ର କର୍ମଚାରୀ, ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

